# Akashvani, Sambalpur

## SAMBALPURI NEWS EVENING BULLETIN

## 18 August 2026-7.02- 7.12 pm.

---

୧- ବଏଢ଼ ପ୍ରଭାବିତ୍ ଇଲାକା ନ ସ୍ଥିତିର୍ ସମୀକ୍ଷା କରିକରି ହଜାରେ କୋଟି ଟଙ୍କାର୍ ସାହାଜ୍ ଘୋଷ୍ନା କଲେ ମୁଖ୍ୟମନ୍ତ୍ରୀ ।

- ଅତି ଜବର୍ ବର୍ଷାକେ ନେଇକରି ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ରର୍ ସତର୍କ ସୂଚ୍‌ନା ।

୨- ୨୦୨୫ ବଛର୍ ଲାଗି ଘୋଷ୍ନା ହେଲା ଜାତୀୟ କ୍ରୀଡ଼ା ପୁରସ୍କାର୍ ।

୩- ରାଏଜେ ନିଶା ଦ୍ରବ୍ୟର୍ ଖରାପ୍ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ କରାଯାଇଛେ ନିଶାମୁକ୍ତ ଶପଥ୍ ଅଭିଯାନ୍ ।

ଆଉର୍

୪- ଭୁବ୍‌ନେଶ୍ୱର୍ ନ ଆଏବା ମାସ ୩ ତାରିଖ୍ ନୁ ମୁଲ୍ ହେବା ପୂର୍ବାଂଚଲ୍ ବେଡ଼ମିଂଟନ୍ ପ୍ରତିଯୋଗିତା ।

ବନ୍ୟା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ବଏଢ଼୍ ପ୍ରଭାବିତ୍ ଇଲାକା ସ୍ଥିତିର୍ ଅନୁଧ୍ୟାନ୍ କରିକରି ହଜାରେ କୋଟି ଟଙ୍କାର୍ ୧୦ ସୂତ୍ରୀ ସାହାଜ୍ ଟଙ୍କା ଘୋଷ୍‌ନା କରିଛନ୍ । ଭୁବ୍‌ନେଶ୍ୱର୍ ନ ଆଏଜ୍ ରାଏଜେ ବନ୍ୟା ସ୍ଥିତି ବାବଦ୍ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ସେ କହିଛନ୍, ଶୂନ୍ ମୃତାହତ ଦିଗେ ସର୍‌କାର୍ କାମ୍ କରୁଛନ୍ । ପ୍ରଭାବିତ୍ ଲୁକ୍‌କର୍ ସୁରକ୍ଷା ଆଉ ଜରୁରୀ ସାହାଜ୍ ଯୁଗେଇ ଦେବାର୍‌ଟା ସର୍‌କାର୍‌ଙ୍କର୍ ସର୍ବୋଚ୍ଚ ପ୍ରାଥମିକତା ହେଇଥିବାର୍‌ନୁ ପ୍ରଭାବିତ୍ ଇଲାକା ନ ଲୁକ୍‌କୁ ସୁରକ୍ଷିତ୍ ଭାବେ ଉଦ୍ଧାର୍ କରାଯାଇକରି ଦର୍‌କାର୍ ଅନ୍‌ସାରେ ଆଶ୍ରୟସ୍ଥଳକେ ନିଆଯାଉଛେ । ସ୍ଥିତି ଉପ୍‌ରେ କଡ଼ା ନଜର୍ ରଖ୍‌ବାର୍ ସହେତେ ଜିଲ୍ଲା ପ୍ରଶାସନ୍ ଆଉ ଭିନ୍ ଭିନ୍ ବିଭାଗ୍‌ର ତାଲ୍‌ମେଲ୍‌ଥି ତୁର୍‌ତି ପଦକ୍ଷେପ୍ ନିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ଲଗାଏତ୍ ବର୍ଷା ଲାଗି ହେଇଥିବା ବଏଢ଼୍‌ଥି ରାଜ୍ୟର୍ ୬ ଟା ଜିଲ୍ଲାର୍ ୭୪ଟା ବ୍ଲକ୍ ପ୍ରଭାବିତ ହେଇଛେ ।

ଯାଜପୁର ଜିଲ୍ଲାର ୧୦ଟା ବ୍ଲକ୍‌ର ୨୭୦ଟା ଗାଁର୍ ୨ ଲାଖ୍ ୮୦ ହଜାର୍ ଲୋକ୍ ପ୍ରଭାବିତ୍ ହେଇଥିବାର୍ ବେଲେ ଭଦ୍ରକ ଜିଲ୍ଲାର୍ ୪ଟା ବ୍ଲକ୍‌ର ୧୪୯ଟା ଗାଁର୍ ୨ ଲା ୫୯ ହଜାର୍ ଲୋକ୍ ପ୍ରଭାବିତ୍ ହେଇଛନ୍ । ୬ଟା ଜିଲ୍ଲାନ ୪୫ଟା ଓଡ୍ରାଫ୍ ଆଉ ୮ଟା ଏନ୍‌ଡିଆରଏଫ୍ ଦଲ୍‌କେ ଉଦ୍ଧାର୍ କାମ୍‌ଥି ଲଗାଯାଇଛେ ।

୩୩ ପ୍ରତିଶତ କି ତାର୍‌ନୁ ଅଏତ୍‌କା ଫସଲ୍ ନୁକ୍‌ସାନ୍ ହେଇଥିଲେ କ୍ଷୁଦ୍ର ଆଉ ନାମମାତ୍ର ଚାଷୀଙ୍କୁ ସାହାଜ୍ ଯୁଗେଇ ଦିଆଯିବା । ଅଣସେଚିତ ଜମି ଲାଗି ହେକ୍ଟର୍ ପିଛା ୮ ହଜାର ୫୦୦, ଜଲସେଚିତ ଜମି ଲାଗି ୧୭ ହଜାର୍ ଆଉ ବାରମାସୀ ଫସଲ ନୁକ୍‌ସାନ୍ ହୋଇଥିଲେ ହେକ୍ଟର ପିଛା ୨୨ ହଜାର୍ ୫୦୦ ଟଙ୍କା ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନୁକ୍‌ସାନ୍ ହେଇଥିବା ଚାଷୀଙ୍କୁ ଧାନ୍ ଆଉ ଅଣଧାନ ବିହନ ଘିନ୍‌ବାର୍ ଲାଗି ଆର୍ଥିକ୍ ସାହାଜ୍ ଦିଆଯିବା । ବଏଢ଼୍ ଉତ୍‌ରୁ ରୁଗ୍‌ପୋକ ଲାଗି ହେଉଥିବା କ୍ଷତିକ୍ଷତି ଲାଗି ୭୫ ପ୍ରତିଶତ୍ ରିହାତି ମିଲ୍‌ବା । କ୍ଷତିଗ୍ରସ୍ତ ଉଠା ଜଲ୍‌ସେଚନ୍‌ର ମରାମତି କାମ୍ ଭିଲ୍ ଖୋବ୍ ଜଲ୍‌ଦି କରାଯିବା । ହସ୍ତଶିଳ୍ପ ନୁକ୍‌ସାନ୍ ଲାଗି ୫ ହଜାର୍ ଟଙ୍କାର୍ ଆର୍ଥିକ ସାହାଜ୍ ଦିଆଯିବା । ଚୂଡ଼ାନ୍ତ

କ୍ଷୟକ୍ଷତି ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ସାହାଜ୍ ଟଙ୍କା ବଢ଼ାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବନ୍ୟା-୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଲଗାଏତ୍ ବର୍ଷା ଲାଗି ଭିନ୍ ଭିନ୍ ନଦୀର୍ ଜଲ୍‌ସ୍ତର୍ ବଢ୍‌ବାର୍‌କେ ଲାଗିଛେ । ବୈତରଣୀ, ଜଲକା ଆଉ ବୁଢ଼ାବଲଙ୍ଗ ନଦୀର ଜଲସ୍ତର ବିପଦ୍ ସଂକେତ୍ ଉପ୍‌ରେ ରହିଛେ । ଜଲସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍, ବୈତରଣୀ ନଦୀର ଜଲସ୍ତର କମ୍‌ବାର୍‌କେ ଲାଗିଛେ । ତଲ୍‌ମୁଡ଼େ ପାଏନ୍ କମି ନାଇଁଥିବାର୍ ବେଲେ ଲଘୁଚାପ୍ ଲାଗି ଉପର୍‌ମୁଡ଼େ ବର୍ଷା ଲାଗି ରହିଛେ । ବିଭାଗ୍ ତର୍‌ଫୁ ବୈତରଣୀ ଆଉ ବ୍ରାହ୍ମଣୀ ନଦୀର୍ ଜଲ୍‌ସ୍ତର୍ ଉପ୍‌ରେ ଖାସ୍ ଧ୍ୟାନ୍ ଦିଆଯାଉଛେ ବଲି ଶ୍ରୀ ରାଉତ୍ କହିଛନ୍ ।

ବନ୍ୟାଥି ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଜଗତ୍‌ସିଂହପୁର ଆଉ କେନ୍ଦ୍ରାପଡା ବାଗିର୍ ୭ଟି ଜିଲ୍ଲା ପ୍ରଭାବିତ ହୋଇଛେ ବଲି ମସ୍ୟ ଆଉ ପ୍ରାଣୀସମ୍ପଦ ମନ୍ତ୍ରୀ

ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ । ସବୁ ଜିଲ୍ଲା ନ ସତର୍କ ସୂଚ୍ନା ସହେତେ ପ୍ରାଣୀମାନ୍‌କୁ ସୁରକ୍ଷିତ୍ ଜାଗାକେ ନିଆଯିବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ୩୬ ଟା ରେପିଡ୍ ରେସ୍‌ପନ୍ସ ଟିମ୍, ୫୦ ଟା ପ୍ରାଣୀ ଚିକିତ୍ସା କେମ୍ପ୍ ଆଉ ପ୍ରାଣୀମାନ୍‌କର୍ ଟୀକାକରଣ୍ ବ୍ୟବସ୍ଥା କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ସୂଚ୍ନା ଦେଇଛନ୍ ।

ଅର୍ଜୁନ୍ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଯୁବ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ତର୍‌ଫୁ ଜାତୀୟ କ୍ରୀଡ଼ା ପୁରସ୍କାର୍-୨୦୨୫ ଘୋଷ୍‌ନା କରାଯାଇଛେ । ଇଥର ୧୭ ଝନ୍ ଖେଲାଲିଙ୍କୁ ସମ୍ମାନ୍ ଜନକ୍ ଅର୍ଜୁନ୍ ପୁରସ୍କାର୍ ଦେବାର୍ ଲାଗି ମନୋନୀତ୍ କରାଯାଇଛେ । ରାଷ୍ଟ୍ରପତି ଭବନ୍ ନ ଆୟୋଜିତ୍ ହେବାର୍‌କେ ଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଇ ପୁରସ୍କାର୍ ଦିଆଯିବା । ଖେଲ୍‌ଥି ଉତ୍କର୍ଷତାକେ ସ୍ୱିକୃତୀ ଦେଇକରି ପୁରସ୍କୃତ୍ କର୍‌ବାର୍ ଲାଗି ଫି’ ବଛର୍ ମନ୍ତ୍ରଣାଳୟ ତର୍‌ଫୁ ଇ ପୁରସ୍କାର୍ ଦିଆଯାଏସି ।

ପଂଚାୟତିରାଜ୍ ମନ୍ତ୍ରୀ ଦେବ୍‌ଗଡ୍ ସମ୍ବାଦଦାତା

ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ ଦିନ୍‌କିଆ ଦେବ୍‌ଗଡ୍ ଜିଲ୍ଲା ଗସ୍ତଥି ଆସିକରି ତିଲେଇବଣି ଆଉ ରିଆମାଲ୍ ବ୍ଲକ୍ ନ ଭିନ୍ ଭିନ୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ତିଲେଇବଣି ବ୍ଲକ୍ ନ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ୬ ଟା ପ୍ରକଳ୍ପ ଲାଗି ୧୩ କୋଟି ୯୬ ଲାଖ୍ ୩୦ ହଜାର୍ ଟଙ୍କା, ପଂଚାୟତ୍ ସମିତିର୍ ୩୬ ଟା ପ୍ରକଳ୍ପ ଲାଗି ୨ କୋଟି ୩୮ ଲାଖ୍ ଟଙ୍କାର୍ ଭିତିପ୍ରସ୍ତର୍ ଆଉ ୪୬ ଲାଖ୍ ଟଙ୍କାର ୬ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ସେନ୍ତା ରିଆମାଲ୍ ଠାନେ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ୨୬ କୋଟି ୩୮ ଲାଖ୍ ଟଙ୍କାର୍ ୧୦ ପ୍ରକଳ୍ପ, ପଂଚାୟତ୍ ସମିତିର୍ ୧ କୋଟି ୯୮ ଲାଖ୍ ଟଙ୍କାର୍ ୩୩ ଟା ପ୍ରକଳ୍ପ ଲାଗି ଭିତିପ୍ରସ୍ତର୍ ଥାପ୍‌ନା କର୍‌ବାର୍ ସହେତେ ୧ କୋଟି ୪ ଲାଖ୍ ଟଙ୍କାର୍ ୯ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ ।

ଏଲ୍‌ପିଜି ଆର୍‌ଏନ୍‌ୟୁ/ କଟକ୍

ଏଲ୍‌ପିଜି ଗେସ୍ ସିଲିଣ୍ଡର ଲାଗି ଇ-କେୱାଇସି କର୍‌ବାର୍ ଶେଷ୍ ତାରିଖ୍ ଆଏବା ରଏବାର୍‌ତକ୍ ବଢ଼ାଯାଇଛେ । ଆଘୋନୁ ଇ ସମିଆ ଅଗଷ୍ଟ ୧୬ ତାରିଖ୍‌ତକ୍ ଥିଲା । ତେଲ୍ କମ୍ପାନୀମାନ୍‌କେ ଭିନ୍ ଭିନ୍ ବୈଷୟିକ୍ ତ୍ରୁଟି ଆଉ ଗେସ୍ ଏଜେନ୍ସି ମାନ୍‌କେ ଗ୍ରାହକ୍‌ମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ଇ ସମିଆକେ ବଢ଼ାଯାଇଛେ ।

ବିଶ୍ୱକର୍ମା ଯୋଜନା ନୂଆପଡା ସମ୍ବାଦଦାତା

ନୂଆପଡା ଜିଲ୍ଲା ଖଡିଆଲ ଏନ୍‌ଏସି କଲ୍ୟାଣମଣ୍ଡପ ନ ପିଏମ୍ ବିଶ୍ୱକର୍ମା ଯୋଜନା ବାବଦ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ପାରମ୍ପରିକ କାରିଗର ଆଉ ଶିଳ୍ପୀମାନ୍‌କୁ ସ୍ୱାବଲମ୍ବୀ ଆଉ ଆତ୍ମନିର୍ଭରଶୀଳ କରାବାର୍ ଲକ୍ଷ୍ୟଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଖାସ୍ ବ୍ରାଣ୍ଡ ଥାପ୍‌ନା ଆଉ ବଜାର୍ ବ୍ୟବସ୍ଥା ଉପ୍‌ରେ ଆଲୋଚନା କରାଯାଇଥଲା ।

ନିଶାମୁକ୍ତ ସମାଜ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସମାଜ ଗଠନ ଆଉ ନିଶାଦ୍ରବ୍ୟର ଖରାପ୍-ପ୍ରଭାବ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଆଏଜ୍ ସାରା ରାଏଜେ ନିଶାମୁକ୍ତ ଶପଥ୍ ଅଭିଯାନ୍ ଆୟୋଜନ୍ କରାଯାଇଛେ । ଅଭିଯାନ୍‌ଥି ରାଏଜେ କମ୍‌ସେକମ୍ ୧୦ ପ୍ରତିଶତ୍ ଲୁକ୍‌କୁ ସାମିଲ୍ କର୍‌ବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଛେ । ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ପଂଚାୟତ ଆଉ ଭିନ୍ ଭିନ୍ ସାମାଜିକ ସଂଗଠନ୍ ତର୍‌ଫୁ ଇ ଶପଥ୍ ପାଠ୍ କାର୍ଯ୍ୟକ୍ରମ୍ କରାଯାଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଆଏଜ୍ ସାମୂହିକ୍ ନିଶାମୁକ୍ତ ଶପଥ୍ ପାଠ୍ କରାଯାଇଛେ । କାର୍ଯ୍ୟକ୍ରମ୍ ବିଭାଗୀୟ ନିର୍ଦ୍ଦେଶକ୍ ଅନୁଜ୍ କୁମାର୍ ଦାସପଟ୍ଟନାୟକ୍‌ଙ୍କର୍ ସହେତେ ସବୁ ଅଧିକାରୀ ଆଉ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ସ୍ନାତକୋତର୍ - ନାଁଲେଖା ଆର୍ଏନ୍ୟୁ/ କଟକ୍

ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ୨୦୨୬-୨୭ ଶିକ୍ଷା ବଛ୍ରେ ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ୨ ନମ୍ବର୍ ଖେପ୍ ମେଧା ତାଲିକା ବାହାରିଛେ । ଇ ଖେପେ ମୋଟ୍ ୯ ଶହ ୩୪ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାୟାଇଛେ । ଚଲ୍‌ତି ବଛର୍ ରାଏଜେ ୨୧ ଟା ବିଶ୍ୱବିଦ୍ୟାଳୟ ଆଉ ଶହେ ୧୪ ଟା ମହାବିଦ୍ୟାଳୟ ନ ମୋଟ୍ ୩୨ ହଜାର୍ ୫ ଶହ ୬୩ ଟା ସିଟ୍ ରହିଛେ ।

ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ଜିଲ୍ଲା ସମାଜ୍ ମଙ୍ଗଲ୍ ବିଭାଗ୍ ତର୍ଫୁ ବେଟି ବଚାଓ ବେଟି ପଢ଼ାଓ ଯୋଜ୍‌ନାର୍ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ୍ ହେଇୟାଇଛେ । ଟୁକେଲ୍ ଛୁଆମାନ୍‌କର୍ ପାଠ୍‌ପଢ଼ା, ନାରୀ ସଶକ୍ତିକରଣ୍ ଆଉ ମହିଳା ଶିଶୁ ହେଲ୍ପଲାଇନ୍‌ର ପ୍ରଚାର୍ ପ୍ରସାର୍ ଉପ୍ରେ ବୈଠକ୍‌ଥି ଜୋର୍ ଦିଆୟାଇଛେ । ଗ୍ରାମାଂଚଲ୍ ନ ଅଭିଯାନ୍‌କେ

ସକ୍ରିୟ କରିକରି ଝାର୍‌ସୁଗୁଡ଼ାକେ ମୋଡ଼େଲ୍ ଜିଲ୍ଲା ବନାବାର୍ ଲାଗି ବୈଠକ୍‌ଥି ଅତିଥିମାନେ ଆହ୍ୱାନ୍ ଦେଇଥିଲେ ।

ପଂଚାୟତ୍ ସମିତି ବୈଠକ ହି.ସ.

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ ପଂଚାୟତ୍ ସମିତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବ୍ଲକ୍‌ର ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ସମୀକ୍ଷା କରିଥିଲେ । ଇତାର୍‌ସହେତେ ଚାଲୁଥିବା ଉନ୍ନୟନ୍‌ମୂଲକ୍ କାମ୍ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବାର୍ ସହେତେ ଲୁକ୍‌କର୍ ଦର୍‌କାର୍ ଉପ୍‌ରେ ଜୋର୍ ଦେଇକରି ନୂଆଁ ପ୍ରକଳ୍ପମାନ୍‌କୁ ହାତ୍‌କେ ନେବାର୍‌କେ ସେ ଆହ୍ୱାନ୍ ଦେଇଛନ୍ ।

ବ୍ୟାଡ୍‌ମିଂଟନ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ଆଏବା ମାସ ୩ ନୁ ୬ ତାରିଖ୍‌ତକ୍ ପୂର୍ବାଂଚଲ୍ ବେଡ଼ମିଂଟନ୍ ପ୍ରତିଯୋଗିତା ହେବା । ଇଥିର୍‌ଲାଗି ଓଡ଼ିଶା ଦଲ୍ ଘୋଷ୍‌ନା କରାଯାଇଛେ । ଓଡ଼ିଶା ରାଜ୍ୟ ବେଡ଼ମିଂଟନ୍ ସଂଘ ତର୍‌ଫୁ ପଞ୍ଜିକୃତ୍ ଖେଲାଲିମାନେ ହାସଲ୍ କରିଥିବା ରେଙ୍କିଙ୍ଗ୍ ପଏଂଟ୍ ଆଉ ଗୁଟେ ଟ୍ରାଏଲ୍‌କେ ନେଇକରି ଇ ଖେଲାଲିମାନ୍‌କର୍ ନାଁ ବଛାଯାଇଛେ । ପ୍ରତିଯୋଗିତାଥି ଓଡ଼ିଶା ସହେତେ ବିହାର, ଝାର୍‌ଖଣ୍ଡ, ପଶ୍ଚିମବଙ୍ଗ, ଉତରପ୍ରଦେଶ ଆଉ ଉତରାଖଣ୍ଡର ଖେଲାଲିମାନେ ଭାଗ୍ ନେବେ । ପୂର୍ବାଂଚଲ୍ ପ୍ରତିଯୋଗିତା ଆଘୋନୁ ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍‌ଠାନୁ ଓଡ଼ିଶା ଦଲ୍‌ର ପ୍ରଶିକ୍ଷଣ୍ ଶିବିର୍ ମୁଲ୍ ହେଇଛେ । ଇ ଶିବିର୍ ଆଏବା ୩୦ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଅବପାତ୍‌ଥି ବଦ୍‌ଲିବାର୍ ଉତ୍‌ରୁ ଉତର୍ ପଶ୍ଚିମ ଦିଗ୍‌କେ ଯାଉଛେ । ଇତାର୍

ପ୍ରଭାବ୍‌ଥି  ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ଆଉ ବର୍‌ଗଡ୍ ଜିଲ୍ଲା ନ ଜବର୍‌ନୁ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାର୍ ସହେତେ ସମ୍ବଲ୍‌ପୁର୍, ଦେବ୍‌ଗଡ୍, କେନ୍ଦୁଝର୍, ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା, ଆଉ ବଲାଙ୍ଗିର୍ ଜିଲ୍ଲା ନ ଜବର୍ ବର୍ଷାକେ ନେଇକରି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ର ୬ ବଜେତକ୍ ୬ ଶହ ୧୯ ଦଶ୍‌ମିକ୍ ୯/୭ ଫୁଟ୍ ରହିଥିଲା । ଇହାଦେ ୧୪ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୨ ଲାଖ୍ ୫୩ ହଜାର୍ ୮ ଶହ ୯ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୨୮ ହଜାର୍ ୪ ଶହ ୫୯ ଘନଫୁଟ୍ ପାଏନ୍ ଆସୁଛେ ।

ନୂଆପଡ଼ା ଜିଲ୍ଲା ତିଖାଲି ନିମ୍ନ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପନୁ ୨ ନମ୍ବର୍ ଥର୍ ଲାଗି ବଏଢ୍ ପାଏନ୍ ଛଡ଼ାଯାଇଛେ । ଗୁଟେ ଗେଟ୍ ଦେଇକରି ୯୦ କ୍ୟୁସେକ୍ ବଏଢ୍ ପାଏନ୍ ଛଡ଼ାଯାଉଛେ ।